

ପୃଥିବୀରେ ଥିବା ସବୁ ଜଳସ୍ରୋତ ଏବେ ଦୂଷିତ ହେବାରେ ଲାଗିଛନ୍ତି । ମହାସାଗର ମଧ୍ୟ ବାଦ୍ ପଡ଼ିନାହିଁ ଏଥିରୁ । ମହାସାଗରକୁ ପ୍ରଦୂଷିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି ନଦୀମାନେ । ଅଧ୍ୟୟନରୁ ଜଣାପଡ଼ିଛି ପ୍ରତିବର୍ଷ ମହାସାଗରମାନଙ୍କୁ ୪ ମିଲିୟନ୍ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ଯାଉଛି । ଏମଧ୍ୟରୁ ୯୫ ପ୍ରତିଶତ ଯାଉଛି ୧୦ଟି ନଦୀରୁ । କହିବାକୁ ଗଲେ ଆମେ ମହାସାଗରକୁ ପ୍ଲାଷ୍ଟିକ୍‌ରେ ବୁଡ଼େଇ ଦେଉଛୁ । ପରିସଂଖ୍ୟାନ ଅନୁଯାୟୀ ପ୍ରତି ଏକ ମିନିଟ୍‌ରେ ଗୋଟିଏ ଟ୍ରକ୍ ପ୍ଲାଷ୍ଟିକ୍ ଆବର୍ଜନା ଢଳାଯାଉଛି ମହାସାଗରରେ । ଏଠି ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଏଗୁଡ଼ିକ ସେମିତି ରହିଥାଏ । ପ୍ରାୟ ୭୦୦ ସାମୁଦ୍ରିକ ଜୀବ ଏଗୁଡ଼ିକ ଭକ୍ଷଣ କରନ୍ତି । ୨୦୫୦ ମସିହା ବେଳକୁ ୯୫ ପ୍ରତିଶତ ସାମୁଦ୍ରିକ ପକ୍ଷୀଙ୍କ ଠାରେ ପ୍ଲାଷ୍ଟିକ୍ ମିଳୁଥିବା ବୋଲି ଆକଳନ କରାଯାଇଛି ।

# ମହାସାଗରକୁ ପ୍ଲାଷ୍ଟିକ୍ ପଠାଉଛନ୍ତି ନଦୀମାନେ






ଗବେଷକମାନଙ୍କ ଠାରୁ ଜଣାପଡ଼ିଛି ମହାସାଗର ପ୍ରଦୂଷଣ ପାଇଁ ସବୁଠାରୁ ଅଧିକ ଦାୟୀ ୧୦ଟି ନଦୀ । ଏହି ନଦୀମାନଙ୍କର ଆବର୍ଜନାକୁ ନିୟନ୍ତ୍ରଣ କରିବା ସାମୁଦ୍ରିକ ପ୍ରଦୂଷଣ ରୋକିବା ଦିଗରେ ନାଟକୀୟ ପରିଣାମ ଦେବ ।

ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଥିଲା ପ୍ରତିବର୍ଷ ନଦୀ ଦେଇ ସମୁଦ୍ରକୁ ୧.୧୫-୨.୪୧ ମିଲିୟନ୍ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ପ୍ରବେଶ କରିଥାଏ । ଏ ମଧ୍ୟରୁ ୬୭ ପ୍ରତିଶତ ଆସିଥାଏ ୨୦ଟି ପ୍ରଦୂଷିତ ନଦୀରୁ । ତେବେ ଅଧିକ ସଠିକ୍ ଅଧ୍ୟୟନରୁ ଜଣାପଡ଼ିଛି ସାମୁଦ୍ରିକ ପ୍ରଦୂଷଣରେ ନଦୀର ଭୂମିକା ଆହୁରି ଅଧିକା । ତେବେ ୨୦ଟି ନୁହେଁ ବରଂ ୧୦ଟି ନଦୀ ସାମୁଦ୍ରିକ ପ୍ରଦୂଷଣର ମୁଖ୍ୟ ଖଳନାୟିକା । ଏ ସବୁ ନଦୀମଧ୍ୟରେ ପୂର୍ବ ଏସିଆରୁ ରହିଛି ୟାଙ୍ଗ୍‌ଜେ, ପୀତ ନଦୀ, ହାଇ ହେ, ପର୍ଲ, ଆମୁର, ମେକଙ୍ଗ୍ ଇତ୍ୟାଦି ନଦୀ । ଦକ୍ଷିଣ ଏସିଆରୁ ସିନ୍ଧୁ ନଦୀ ଏବଂ ଗଙ୍ଗା ସବୁଠାରୁ ପ୍ରଦୂଷିତ ନଦୀ । ଆଫ୍ରିକା ମହାଦେଶର ନାଇଜର୍ ଏବଂ ନାଇଲ୍ ନଦୀ ମଧ୍ୟ ଅଧିକ ଆବର୍ଜନା ଆଣୁଛି ମହାସାଗରକୁ । ଅଧ୍ୟୟନରୁ ଜଣାପଡ଼ିଛି ମହାସାଗରକୁ ଆସୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ କିଛି ସୀମିତ ଉତ୍ସରୁ ଆସୁଛି । ଅର୍ଥାତ୍ ଏହି ସବୁ ଉତ୍ସରେ ବର୍ଜ୍ୟ ପରିଚାଳନା ଦ୍ୱାରା ସାମୁଦ୍ରିକ ପ୍ରଦୂଷଣକୁ ବହୁ ପରିମାଣରେ ପ୍ରତିହତ କରାଯାଇପାରିବ । ଏସବୁ ଉପରୋକ୍ତ ନଦୀଗୁଡ଼ିକରେ ୫୦ ପ୍ରତିଶତ ପ୍ଲାଷ୍ଟିକ୍ ବର୍ଜ୍ୟକୁ ଅଟକାଯାଇପାରିଲେ ନଦୀରୁ ମହାସାଗରକୁ ଯାଉଥିବା ଆବର୍ଜନାକୁ ୪୫ ପ୍ରତିଶତ କମ୍ କରାଯାଇପାରିବ । କିନ୍ତୁ ଏଥିପାଇଁ ବ୍ୟାପକ ସଚେତନତା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲୋଡ଼ା । ଏହି କାର୍ଯ୍ୟ କେଉଁ ସ୍ତରରୁ ଆରମ୍ଭ କରାଯିବ ତାହା ମଧ୍ୟ ଏପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ । ସାମୁଦ୍ରିକ ପ୍ରଦୂଷଣ ଉପରେ ଗବେଷଣା କରୁଥିବା ଡେଲ୍ ଏଲେନ୍ ମାକ୍‌ଆର୍ଥର ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି ୨୦୫୦ ମସିହା ବେଳକୁ ସମୁଦ୍ରରେ ମାଛ ଯେତିକି ଥିବେ ତା' ଠାରୁ ବେଶୀ ଥିବ ପ୍ଲାଷ୍ଟିକ୍ ଆବର୍ଜନା । ସାମୁଦ୍ରିକ ଜୀବଜଗତ ପ୍ଲାଷ୍ଟିକ୍ ଆବର୍ଜନା ଦ୍ୱାରା ନକାରାତ୍ମକ ଭାବରେ ପ୍ରଭାବିତ ହେଉଛି । ଜଳଚର ଜୀବମାନେ ଭାସୁଥିବା ପ୍ଲାଷ୍ଟିକ୍ ଆବର୍ଜନା ମଧ୍ୟରେ ଗୁଡ଼େଇ ହୋଇ କିମ୍ବା ଅଣନିଶ୍ୱାସୀ ହୋଇ ପ୍ରାଣ ହରାଉଛନ୍ତି । ଅନେକ ଜୀବ ଏହାକୁ ଖାଦ୍ୟ ଭାବି ଢୋକି ନେଉଛନ୍ତି ।



ସେମାନଙ୍କ ଖାଦ୍ୟପ୍ରଣାଳୀ ମଧ୍ୟକୁ ପ୍ଲାଷ୍ଟିକ୍ ପ୍ରବେଶ କରୁଛି । ଫଳରେ ସାମୁଦ୍ରିକ ଖାଦ୍ୟ ଖାଉଥିବା ବ୍ୟକ୍ତିମାନେ ବର୍ଷକୁ ପ୍ରାୟ ୧୧ ହଜାର ସୂକ୍ଷ୍ମ ପ୍ଲାଷ୍ଟିକ୍ ଭକ୍ଷଣ କରୁଛନ୍ତି । ତା'ହେଲେ ଆମେ ଜାଣିବା ଉଚିତ୍ ନଦୀରୁ ମହାସାଗରକୁ ଯାଉଥିବା ଏ ପ୍ଲାଷ୍ଟିକ ଆସୁଛି କେଉଁଠୁ । ପରିବେଶ ସନ୍ତୁଳନ ଦିଗରେ କାର୍ଯ୍ୟ କରୁଥିବା ସଂଗଠନ 'ଗ୍ରୀନ୍‌ପିସ୍'ର ବ୍ରିଟିଶ କର୍ମକର୍ତ୍ତା ଲୁଇସା କାସୋନ୍‌ଙ୍କ ଅଧ୍ୟୟନ ଅନୁଯାୟୀ ମହାସାଗରକୁ ଯାଉଥିବା ପ୍ଲାଷ୍ଟିକ୍ ବର୍ଜ୍ୟର ମୁଖ୍ୟ ଉତ୍ସ ତିନୋଟି ଯଥା- ଘରୋଇ ବର୍ଜ୍ୟ, ନର୍ଦ୍ଦମା ଓ ଶିଳ୍ପ ବର୍ଜ୍ୟ । ଆମେ ଘରୋଇ ପ୍ଲାଷ୍ଟିକ୍ ବର୍ଜ୍ୟକୁ ନିଜ ସୁବିଧାରେ ଫୋପାଡ଼ି ଦେଉ । ଏ ମଧ୍ୟରେ ଥାଏ ପଲିଥିନ୍, ପ୍ଲାଷ୍ଟିକ୍ ପାଣିବୋତଲ, ପ୍ଲାଷ୍ଟିକ୍ ଡବା ଇତ୍ୟାଦି । ଏଗୁଡ଼ିକ କିନ୍ତୁ ପୁନଃଚକ୍ରଣ ହେବା ପାଇଁ ଯାଇ ନପାରି ଏଣେତେଣେ ପଡ଼ିରହେ । ଅଧିକ ପବନରେ ଉଡି ନଦୀ ବା ନର୍ଦ୍ଦମାରେ ପଡ଼େ, ନଚେତ୍ ବର୍ଷାରେ ବୋହି ନଦୀକୁ ଯାଏ । ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକ୍‌ର ମାତ୍ର ୭ ପ୍ରତିଶତ ହିଁ ପୁନଃଚକ୍ରିତ ହୋଇଥାଏ । ଅନ୍ୟାନ୍ୟ ଅଂଶ ଯେକୌଣସି ରାସ୍ତା ଦେଇ ନଦୀ ଓ ମହାସାଗରରେ ପହଞ୍ଚେ । କେବଳ ଘରୋଇ ପ୍ଲାଷ୍ଟିକ୍ ବର୍ଜ୍ୟ ନୁହେଁ ବେଳାଭୂମି, ପାର୍କ ଓ ରାସ୍ତାକଡ଼ରେ ଗଦା ହେଉଥିବା ପ୍ଲାଷ୍ଟିକ୍ ଆବର୍ଜନା ମଧ୍ୟ ସେଠାକୁ ଯାଏ ।




ନର୍ଦ୍ଦମା ଦେଇ ନାନୋ ପ୍ଲାଷ୍ଟିକ୍ ଯାଏ ନଦୀକୁ, ସେଠାରୁ ସମୁଦ୍ରକୁ ।

କସ୍‌ମେଟିକ୍ ଓ ସ୍କିନ କେୟାର ଉତ୍ପାଦଗୁଡ଼ିକରେ ସୂକ୍ଷ୍ମାତିସୂକ୍ଷ୍ମ ପ୍ଲାଷ୍ଟିକ କଣିକା ଥାଏ । ଏଗୁଡ଼ିକ କ୍ରମେ ଡ୍ରେନ୍‌ରେ ମିଶେ । ଏପରିକି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ପ୍ରକ୍ରିୟାକରଣ ହେବା ବେଳେ ମଧ୍ୟ ଏହି କଣିକା ସବୁ ପାଣିରୁ ଅଲଗା ହୁଅନ୍ତି ନାହିଁ । ସେମିତି ଦୈନିକ ଆମ ପୋଷାକପତ୍ର ସଫା ହେବା ସମୟରେ ସିନ୍ଥେଟିକ୍ କପଡ଼ାରୁ ସୂକ୍ଷ୍ମ ପ୍ଲାଷ୍ଟିକ୍, କଣିକା ବାହାରି ପାଣିରେ ମିଶୁଛି ।

ପ୍ଲାଷ୍ଟିକର ମୂଳସ୍ୱରୂପ ହେଉଛି ମର୍ଡଲ୍ସ ବା ମରମେଡ୍‌ସ ଟିଅର୍ । ଏଗୁଡ଼ିକର ଆକାର ୫ ମିଲିମିଟର ଓ ଆକାର ସିଲିଣ୍ଡରାକୃତି । ଏହା ପ୍ଲାଷ୍ଟିକ୍ ସାମଗ୍ରୀ ତିଆରି ପାଇଁ ବ୍ୟବହୃତ ହୁଏ । ପ୍ରତିବର୍ଷ ଆମେରିକାରେ ୬୦ ବିଲିୟନ୍ ପାଉଣ୍ଡ ମର୍ଡଲ୍ସ ଉତ୍ପାଦନ ହୁଏ । ଏହା ମୁଖ୍ୟତଃ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଯାଏ । କିନ୍ତୁ ସମସ୍ୟା ହେଉଛି ଅନେକ ସମୟରେ ଜାହଜରେ ପରିବହନ ହେବା ସମୟରେ ଏହା ସମୁଦ୍ରରେ ମିଶେ । ଟ୍ରକ୍‌ରେ ପରିବହନ ସମୟରେ ମଧ୍ୟ ଠିକ୍ ଏହା ଘଟିଥାଏ । ଏହି ସାମଗ୍ରୀ ଥରେ ପଡ଼ିଗଲେ ସଫା କରିବା ପ୍ରାୟତଃ ଅସମ୍ଭବ । ବ୍ରିଟେନ୍‌ର ୭୮ ପ୍ରତିଶତ ବେଳାଭୂମିରେ ମର୍ଡଲ୍ସ ଦେଖିବାକୁ ମିଳେ ।

ବର୍ଜ୍ୟ ପରିଚାଳନାର ଅଭାବ ହିଁ ମହାସାଗରୀୟ ପ୍ଲାଷ୍ଟିକ ପ୍ରଦୂଷଣର ମୁଖ୍ୟ ସମସ୍ୟା । ୧୯୫୦ ମସିହାରୁ ପ୍ଲାଷ୍ଟିକ ପୁନଃଚକ୍ରଣ ଆରମ୍ଭ ହୋଇଥିଲେ ମାତ୍ର ୯ ପ୍ରତିଶତ ପ୍ଲାଷ୍ଟିକ୍ ହିଁ ପୁନଃବ୍ୟବହାର କରାଯାଉଛି, ଅନ୍ୟଗୁଡ଼ିକ ମାଟି ଓ ପାଣିରେ ମିଶି ରହୁଛି ।


ତେଣୁ ପ୍ରଥମେ ସମସ୍ୟାର ମୂଳକୁ ଜାଣିବାକୁ ହେବ ଓ ତଦନୁଯାୟୀ ପଦକ୍ଷେପ ନେବାକୁ ହେବ ବୋଲି ଲୁଇସା କାସୋନ୍ କହିଛନ୍ତି । ଏଥବରେ ପ୍ରତି ଦେଶର ସରକାରରଙ୍କ ଗୁରୁତ୍ୱପୂର୍ଣ୍ଣ । ଏ ଦିଗରେ ସବୁଠାରୁ ଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି କୋଷ୍ଟାରିକା ସରକାର । ୨୦୧୨ ମସିହା ସୁଦ୍ଧା ଦେଶରେ ସମସ୍ତ ଡିସ୍‌କୋଜେବୁଲ୍ ପ୍ଲାଷ୍ଟିକ୍‌ର ବ୍ୟବହାର ବନ୍ଦ କରିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି । ହାତରେ ଯଥେଷ୍ଟ ସମୟ ଥିବାରୁ ଏହାର ବିକଳ୍ପ ଖୋଜିବା ପାଇଁ ଆଗୁଆ କୁହାଯାଇଛି । ଏଥିସହ ବୋତଲ ପ୍ରସ୍ତୁତି ପାଇଁ ପୁନଃଚକ୍ରିତ ପ୍ଲାଷ୍ଟିକ୍ ବ୍ୟବହାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ କମ୍ପାନୀମାନେ ନିଜ ସାମଗ୍ରୀର ସମ୍ପୂର୍ଣ୍ଣ ଜୀବନଚକ୍ରର ଦାୟିତ୍ୱ ଅର୍ଥାତ୍ ପୁନଃସଂଗ୍ରହ ଓ ପୁନଃ ବ୍ୟବହାରର ଦାୟିତ୍ୱ ନେବେ ବୋଲି ସରକାର ସ୍ପଷ୍ଟ କରିଦେଇଛନ୍ତି ।


'ଗ୍ରୀନ୍‌ପିସ୍' ଅନୁଷ୍ଠାନ ପକ୍ଷରୁ ଏଥିପାଇଁ ଅଧିକ ପ୍ଲାଷ୍ଟିକ୍ ବ୍ୟବହାର କରୁଥିବା ଦେଶଗୁଡ଼ିକରେ ଥରେ ମାତ୍ର ବ୍ୟବହାର କରି ଫୋପାଡ଼ି ନଦେବା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଅଭିଯାନ ଆରମ୍ଭ କରିଛନ୍ତି । ଅଧିକରୁ ଅଧିକ ଲୋକ ଆବର୍ଜନା ମୁକ୍ତ କିଣାକିଣି, ବାରମ୍ବାର ବ୍ୟବହାର ହେଉଥିବା ପାତ୍ର ବ୍ୟବହାର ଦିଗରେ ସଚେତନ ହେବା ଆବଶ୍ୟକ ।





ମହାସାଗରର ପ୍ଲାଷ୍ଟିକ୍ ଜାତିସଂଘକୁ ମଧ୍ୟ ଚିନ୍ତାରେ ପକାଇଦେଇଛି । ତେଣୁ 'ସଫାସୁତୁରା ସମୁଦ୍ର' ଅଭିଯାନ ଆରମ୍ଭ ହୋଇଛି । ସାମୁଦ୍ରିକ ପ୍ଲାଷ୍ଟିକ୍‌ର ଉତ୍ସକୁ ମୂଳପୋଛ କରିବା ସହ ଲୋକମାନଙ୍କଙ୍କର ସପିଙ୍ଗ ଅଭ୍ୟାସରେ ପରିବର୍ତ୍ତନ ଏହି ଅଭିଯାନର ଲକ୍ଷ୍ୟ । ଏ ସମ୍ପର୍କରେ ନିକଟରେ ବାଲିରେ ଅନୁଷ୍ଠିତ ଇକୋନୋମିକ୍ ୱାର୍ଲଡ ଓସିଏନ୍ ସମିଟ୍‌ରେ ଘୋଷଣା କରାଯାଇଛି । ଜାତିସଂଘର ପରିବେଶ ବିଭାଗ ମୁଖ୍ୟ ଏରିକ୍ ସୋଲ୍‌ହେମ୍ କହିଛନ୍ତି- ପ୍ରଥମଥର ପାଇଁ ସାଗର-ମହାସାଗରକୁ ବିପନ୍ନ କରୁଥିବା ପ୍ଲାଷ୍ଟିକ୍‌କୁ କେମିତି ଜବତ କରିହେବ ସେ ବିଷୟରେ ଚିନ୍ତା କରୁଛୁ । ପ୍ଲାଷ୍ଟିକ୍ ପ୍ରଦୂଷଣ ଇଣ୍ଡୋନେସିଆ ବେଳାଭୂମିକୁ ନଷ୍ଟ କରୁଛି । ଉତ୍ତରମେରୁରେ ମହାସାଗର ଚଟାଣରେ ଏହି ବସିଯାଇଛି ଏବଂ ଖାଦ୍ୟ ଶୃଙ୍ଖଳ ମାଧ୍ୟମରେ ଆମ ଖାଇବା ଥାଳିରେ ମଧ୍ୟ ପହଞ୍ଚିଯାଇଛି । ଅନେକ ଦିନ ହେବ ଏସବୁ ଚାଲିଛି । କିନ୍ତୁ ପରିସ୍ଥିତି ଏବେ ନିୟନ୍ତ୍ରଣ ବାହାରକୁ ଯିବାକୁ ବସିଛି । ତେଣୁ ଏବେଠାରୁ କିଛି କରିବାକୁ ହେବ । ଯେତେ ସମ୍ଭବ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ । ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ପ୍ରତି ମିନିଟ୍‌ରେ ଗୋଟିଏ ଟ୍ରକ୍ ପ୍ଲାଷ୍ଟିକ୍ ମହାସାଗରକୁ ଆସୁଛି । ଏହି ପରିମାଣ ବ୍ୟବହାର ବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆହୁରି ବଢ଼ିବ । ୨୦୫୦ ମସିହା ବେଳକୁ ସମୁଦ୍ରରେ ମାଛ ଅପେକ୍ଷା ଅଧିକ ପ୍ଲାଷ୍ଟିକ୍ ପହଁରୁଥିବ । କେବଳ ସେତିକି ନୁହେଁ ବିଶ୍ୱବ୍ରହ୍ମାଣ୍ଡରେ ଯେତିକି ତାରା ଅଛନ୍ତି ତା'ଠାରୁ ଅଧିକ ଅର୍ଥାତ୍ ୫୧ ଟ୍ରିଲିୟନରୁ ଅଧିକ ସୂକ୍ଷ୍ମାତିସୂକ୍ଷ୍ମ ପ୍ଲାଷ୍ଟିକ୍ କଣିକା ଏବେ ମହାସାଗରରେ ମିଶି ସାରିଛି । ଜାତିସଂଘ ଅଭିଯାନ ପରିପ୍ରେକ୍ଷୀରେ ସାମୁଦ୍ରିକ ପ୍ଲାଷ୍ଟିକ୍ ବର୍ଜ୍ୟ କମ୍ କରିବା ଦିଗରେ କେତେକ ଦେଶ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି । ଦଶଟି ଦେଶ 'କ୍ଲିନ ସି' ଅଭିଯାନରେ ସ୍ୱାକ୍ଷର କରିସାରିଲେଣି । ଇଣ୍ଡୋନେସିଆ ଆଗାମୀ ୨୦୨୫ ମସିହା ସୁଦ୍ଧା ସାମୁଦ୍ରିକ ଆବର୍ଜନା ପରିମାଣ ୭୦ ପ୍ରତିଶତ କମ୍ କରିବାର ପ୍ରତିଶ୍ରୁତି ଦେଇଛି । କୋଷ୍ଟାରିକା ଜନସଚେତନତା ଓ ପରିବେଶ ଶିକ୍ଷା ମାଧ୍ୟମରେ ଦେଶର ଡିସ୍ପୋଜେବୁଲ ପ୍ଲାଷ୍ଟିକର ବ୍ୟବହାରକୁ ସମୂହଳ ବନ୍ଦ କରିବ ବୋଲି ପ୍ରତିଶ୍ରୁତି ଦେଇଛି । ଅନ୍ୟ ଦେଶମାନେ ପ୍ଲାଷ୍ଟିକ୍ ଉପରେ ଅଧିକ ଶୁଳ୍କ ଲାଗୁ କରିବାର ନିଷ୍ପତ୍ତି ନେଇଛନ୍ତି । ଜାତିସଂଘର 'କ୍ଲିନ୍ ସି' ଅଭିଯାନକୁ ସଫଳ କରିବା ପାଇଁ ପ୍ଲାଷ୍ଟିକ୍‌ର ସମସ୍ୟା ଓ ଏହାକୁ କିପରି ଦୂରେଇ ହେବ ସେ ଦିଗରେ ସଚେତନତା ସବୁଠାରୁ ବଡ଼ ଆବଶ୍ୟକତା । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବାକୁ ହେବ । ଯେମିତିକି ପାନୀୟ ପାଇଁ ଷ୍ଟ୍ର ବ୍ୟବହାର ନକରିବା, ଡିସ୍‌ପୋଜେବୁଲ୍ ପ୍ଲାଷ୍ଟିକ୍ ବଟଲ୍‌ରୁ ପାଣି ପିଇବା ଅପେକ୍ଷା ନିଜ ସହ ପାଣି ନେବା, ମାର୍କେଟିଂରେ ଯିବା ବେଳେ ନିଜ ସହ ବ୍ୟାଗ୍ ନେବା, ପିଲାଙ୍କ ପାଇଁ ଡାୟାପର୍ ବଦଳରେ କପଡ଼ା ବ୍ୟବହାର କରିବା ଇତ୍ୟାଦି । ଏଥିପାଇଁ ପ୍ରତ୍ୟେକ ନଗରପାଳିକାକୁ ଦୃଢ଼ ପଦକ୍ଷେପ ନେବାକୁ ହେବ । ଯେମିତିକି ପ୍ଲାଷ୍ଟିକ୍ ବ୍ୟାଗ୍ ପାଇଁ ୫୦ ପଇସା ବଦଳରେ ୫ ଟଙ୍କା ନେବା । ସ୍କୁଲମାନେ ମଧ୍ୟ ପୃଥିବୀ ଓ ପରିବେଶ ସମ୍ପର୍କରେ ପିଲାମାନଙ୍କ ମନରେ ମୂଲ୍ୟବୋଧ ସୃଷ୍ଟି କରିପାରିବା ଆବଶ୍ୟକ ଯେମିତି କି ଜାପାନରେ ସ୍କୁଲପିଲାମାନଙ୍କୁ ଆବର୍ଜନା ସୃଷ୍ଟି ନକରିବାର ଶିକ୍ଷା ଦିଆଯାଏ ଖୁବ୍ ଛୋଟ ଦିନରୁ ବିଶ୍ୱର ୫୭ଟି ପ୍ରଦୂଷିତ ନଦୀର ୭୯ଟି ଲେଖାଏଁ ସ୍ଥାନରୁ ଜଳର ନମୁନା ନେଇ ଦେଖାଯାଇଥିଲା ଯେ ୧୦ଟି ନଦୀ ସର୍ବାଧିକ ପ୍ରଦୂଷିତ । ଏ ମଧ୍ୟରୁ ଆଠଟି ଅଛି ଏସିଆ ମହାଦେଶରେ । କେବଳ ଚୀନ୍‌ର ୟାଙ୍ଗଜେ ଓ ଭାରତର ଗଙ୍ଗାନଦୀର ପ୍ଲାଷ୍ଟିକ୍‌କୁ ରୋକାଯାଇପାରିଲେ ସାମୁଦ୍ରିକ ପ୍ଲାଷ୍ଟିକ ଆବର୍ଜନା ଅଧା ହୋଇଯିବ ବୋଲି ଜଣାପଡ଼ିଛି । ଆବର୍ଜନା ଆଧିକ୍ୟର କାରଣ ଜନସଚେତନତା ଓ ବର୍ଜ୍ୟ ପରିଚାଳନାରେ ତ୍ରୁଟି ବୋଲି ଜଣାପଡ଼ିଛି । ୟାଙ୍ଗଜେ ନଦୀ ପୂର୍ବ ଚୀନ୍ ସାଗରକୁ, ସିନ୍ଧୁ ନଦୀ ଆରବ ସାଗରକୁ, ୟୋଲୋ ଓ ହାଇହେ ନଦୀ ପୀତ ସାଗରକୁ, ନାଇଲ୍ ନଦୀ ଭୂ-ମଧ୍ୟ ସାଗରକୁ, ଗଙ୍ଗାନଦୀ ବଙ୍ଗୋପସାଗରକୁ । ପର୍ଲ ନଦୀ ଓ ମେକଙ୍ଗ ନଦୀ ଦକ୍ଷିଣ ଚୀନ୍ ସାଗରକୁ, ଆମୁର୍ ନଦୀ ଓ କୋଷ୍ଟକ୍ ସାଗରକୁ ଓ ନାଇଜର ନଦୀ ଗିନି ଉପକୂଳକୁ ପ୍ରଦୂଷିତ କରୁଛି । ଏହା ସାଗରରୁ ମହାସାଗରକୁ ଯାଉଛି । ଅବସ୍ଥା ବର୍ତ୍ତମାନ ଏପରି ଯେ ସ୍ୱଚ୍ଛଳ ଜଳରେ ବି ସୂକ୍ଷ୍ମାତିସୂକ୍ଷ୍ମ ପ୍ଲାଷ୍ଟିକ୍ କଣିକା ରହୁଛି ।







ପ୍ଲାଷ୍ଟିକ ପ୍ରଦୂଷଣ ବଢାଉଛି ଏଥିସହ ଅର୍ଥନୀତିକୁ ମଧ୍ୟ ଦୁର୍ବଳ କରୁଛି । ୬୫-୯୨ ବିଲିୟନ ୟୁରୋ ମୂଲ୍ୟର ପ୍ଲାଷ୍ଟିକ୍ ପ୍ୟାକିଂ ଥରେ ଖୋଲାହେବା ପରେ କେବଳ ଆବର୍ଜନା ପାଲଟୁଛି ।

ନିକଟରେ ପ୍ରକାଶିତ ହୋଇଥିବା ଏକ ରିପୋର୍ଟ ଅନୁଯାୟୀ ୨୦୫୦ ମସିହା ବେଳକୁ ପ୍ରତି ମିନିଟ୍‌ରେ ୪ ଟ୍ରକ୍ ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ରରେ ମିଶୁଥିବ ବୋଲି ଆକଳନ କରାଯାଇଛି । ଚୀନ୍, ଇଣ୍ଡୋନେସିଆ, ଫିଲିପାଇନ୍ସ, ଥାଇଲାଣ୍ଡ ଏବଂ ଭିଏତ୍‌ନାମ ଅଧିକରୁ ଅଧିକ ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ରକୁ ଛାଡୁଛନ୍ତି । ୟାଙ୍ଗଜେ ନଦୀ ପ୍ରତିବର୍ଷ ସମୁଦ୍ରକୁ ୭୨୭ ମିଲିୟନ ପାଉଣ୍ଡ ପ୍ଲାଷ୍ଟିକ୍ ଛାଡୁଥିବା ବେଳେ ଗଙ୍ଗାନଦୀ ୧.୨ ବିଲିୟନ ପାଉଣ୍ଡ ପ୍ଲାଷ୍ଟିକ୍ ଆବର୍ଜନା ପଠାଉଛି ସମୁଦ୍ରକୁ । ସେହିପରି ଚୀନ୍‌ର ଜି. ଡୋଙ୍ଗ ଓ ଝୁଡ଼ିଆଙ୍ଗ ନଦୀ ମିଳିତ ଭାବରେ ୨୩୩ ମିଲିଅନ ପାଉଣ୍ଡ ପ୍ଲାଷ୍ଟିକ୍ ସମୁଦ୍ରକୁ ଛାଡୁଛନ୍ତି । ଇଣ୍ଡୋନେସିଆର ବ୍ରାଣ୍ଟାସ୍ ସୋଲୋ, ସେରାୟୁ ଏବଂ ପ୍ରୋଗୋ ନଦୀ ମିଳିତ ଭାବରେ ୨୨୧ ମିଲିଅନ ପାଉଣ୍ଡ ପ୍ଲାଷ୍ଟିକ୍ ପଠାଉଛନ୍ତି ସମୁଦ୍ରକୁ । ତେବେ ଦେଖାଯାଇଛି ଯେଉଁ ନଦୀଗୁଡ଼ିକ ଅଧିକ ପ୍ରଦୂଷିତ କରୁଛନ୍ତି ସମୁଦ୍ରକୁ, ସେସବୁ ନଦୀ ଉପରେ ଅପେକ୍ଷାକୃତ ଭାବରେ ଅଧିକରୁ ଅଧିକ ଲୋକ ନିର୍ଭର କରନ୍ତି, ଯେମିତି ୟାଙ୍ଗଜେ ନଦୀ ଉପରେ ୫୦ କୋଟିରୁ ଅଧିକ ଲୋକ ନିର୍ଭର କରୁଛନ୍ତି । ଏହାଛଡ଼ା ପ୍ରଦୂଷଣର ଅନ୍ୟତମ କାରଣ ବର୍ଜ୍ୟ ପରିଚାଳନାରେ ତ୍ରୁଟି । ମୁଣ୍ଡପିଛା ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଏସବୁ ଦେଶରେ କମ୍ । ବର୍ଜ୍ୟ ସଂଗ୍ରହ ଓ ପୁନଃଚକ୍ରଣ ଏସବୁ ଦେଶରେ ଅନ୍ୟାନ୍ୟ ଦେଶ ତୁଳନାରେ କମ୍ । ପରିସଂଖ୍ୟାନରୁ ଜଣାଯାଇଛି ପ୍ରତି ମିନିଟ୍‌ରେ ସାରା ବିଶ୍ୱରେ ୧ ମିଲିଅନ ପ୍ଲାଷ୍ଟିକ୍ ବୋତଲ ବିକ୍ରି ହୁଏ । ଏହାର ୧୦ ପ୍ରତିଶତରୁ କମ୍ ପୁନଃଚକ୍ରିତ ହୁଏ । ବଡ଼ ବଡ଼ ନଦୀ ପ୍ଲାଷ୍ଟିକ୍ ପ୍ରଦୂଷଣ ବହନ କରିବା ପାଇଁ ଅଧିକକ୍ଷମ । ଉଦାହରଣ ସ୍ୱରୂପ ୟାଙ୍ଗଜେ ନଦୀ ନିଜ ପ୍ରବାହ ଧାରା ମଧ୍ୟରେ ଯେତିକି ପ୍ରଦୂଷଣ ବହନ କରିପାରେ ଛୋଟ ନଦୀଗୁଡ଼ିକ ସେତିକି କରିପାରନ୍ତି ନାହିଁ । ଏହାବ୍ୟତୀତ ବଡ଼ ବଡ଼ ନଦୀଗୁଡ଼ିକରେ ଶିଳ୍ପ କାରଖାନା ମଧ୍ୟ ସ୍ଥାପନ କରାଯାଇଥାଏ । ଏସବୁର ବର୍ଜ୍ୟ ନଦୀର ପ୍ରଦୂଷଣ ହାର ବଢ଼ାଇଥାଏ । କିନ୍ତୁ ଏହି ପ୍ରଦୂଷଣ ସାମୁଦ୍ରିକ ଜୈବ ପ୍ରାଣାଳୀରେ ପ୍ରାୟ ୬ ବିଲିଅନ ୟୁରୋ ମୂଲ୍ୟର କ୍ଷତି ଘଟାଇଥାଏ ପ୍ରତିବର୍ଷ । ଏହି ପ୍ରଦୂଷଣ ପ୍ରତିବର୍ଷ ୧ ମିଲିଅନ ସାମୁଦ୍ରିକ ପକ୍ଷୀ, ୧ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ଜୀବ ଏବଂ ଅସଂଖ୍ୟ ମାଛଙ୍କ ମୃତ୍ୟୁର କାରଣ ହୋଇଥାଏ । ଆକଳନ ଅନୁଯାୟୀ ମାତ୍ର ୫ଟି ଦେଶ ଯଥା- ଚୀନ୍, ଇଣ୍ଡୋନେସିଆ, ଫିଲିପାଇନ୍ସ, ଭିଏତ୍‌ନାମ ଏବଂ ଶ୍ରୀଲଙ୍କାରୁ ସମୁଦାୟ ପ୍ଲାଷ୍ଟିକ୍ ବର୍ଜ୍ୟର ଅର୍ଦ୍ଧେକ ଯାଇଥାଏ ସମୁଦ୍ରକୁ । ଏସୀୟ ଦେଶମାନଙ୍କରେ ବର୍ଜ୍ୟ ପରିଚାଳନାରେ ତ୍ରୁଟି ହେତୁ ଏପରି ଅବସ୍ଥା ଉପୁଜୁଛି । ଯୁକ୍ତିରାଷ୍ଟ୍ର ଆମେରିକାର ସବୁଠାରୁ ପ୍ରଦୂଷିତ ନଦୀ ପ୍ରଥମ ୨୦ଟି ପ୍ରଦୂଷିତ ନଦୀ ମଧ୍ୟରେ ନାହିଁ । ଆମେରିକା ଏବଂ ୟୁରୋପ ନିଜର ଆବର୍ଜନାକୁ ସଂଗ୍ରହ କରି ଏହାକୁ ପୁନଃ ବ୍ୟବହାର ଉପଯୋଗୀ କରୁଥିବାରୁ ଏସବୁ ଦେଶରେ ପ୍ରବାହିତ ନଦୀ କମ୍ ପ୍ଲାଷ୍ଟିକ୍ ଛାଡ଼ନ୍ତି ସମୁଦ୍ରକୁ । ଚୀନ୍‌ରେ ପ୍ରତିବର୍ଷ ୨.୪ ମିଲିଅନ ଟନ୍ ପ୍ଲାଷ୍ଟିକ୍ ସମୁଦ୍ରକୁ ଯାଉଥିବା ବେଳେ ଯୁକ୍ତିରାଷ୍ଟ୍ର ଆମେରିକାରୁ ମାତ୍ର ୭୭ହଜାର ଟନ୍ ପ୍ଲାଷ୍ଟିକ୍ ସମୁଦ୍ରକୁ ଯାଇଥାଏ । ସାମୁଦ୍ରିକ ଆବର୍ଜନାରେ ଚୀନ୍‌ର ଅଂଶୀଦାରୀ ୨୮ ପ୍ରତିଶତ ଥିବାବେଳେ ଆମେରିକାର ମାତ୍ର ୧ ପ୍ରତିଶତ ।

---

# ଭୁଲ୍ ଧାରଣାର ବସା ଭାଙ୍ଗନ୍ତୁ



ଅନେକେ କହୁଥିବାର ଶୁଣିଥିବେ ଖଟା ଫଳ ଖାଇଲେ ଥଣ୍ଡା ହୁଏ, ରେଡ୍‌ୱାନ୍ ହୃଦୟକୁ ସୁସ୍ଥ ରଖେ ଏବଂ ପନିପରିବା ଫ୍ରିଜ୍‌ରେ ରଖିଲେ ତାହାର ପୋଷକତତ୍ତ୍ୱ ନଷ୍ଟ ହୋଇଯାଏ, ଏମିତି ଅନେକ କିଛି... । କିନ୍ତୁ ସବୁ ପ୍ରଚଳିତ କଥା ଠିକ୍ ନୁହେଁ । ଏ ମଧ୍ୟରେ କିଛି ସତ ଥାଏ ଆଉ କିଛି ଭୁଲ୍ ଧାରଣା ଥାଏ । ଏମିତି କିଛି ଭ୍ରମାତ୍ମକ କଥା ସମ୍ପର୍କରେ ।

### କଫି

କିଛିଲୋକ କୁହନ୍ତି କଫିରୁ କନ୍ୟାସର ହୁଏ । ୧୯୮୧ ମସିହାରେ ହାଭାର୍ଡ ୟୁନିଭର୍ସିଟିର ଅଧ୍ୟୟନରୁ କୁହାଯାଇଥିଲା କଫି ଦ୍ୱାରା ପାନ୍‌କ୍ରିଏଟିକ୍ କ୍ୟାନ୍‌ସର ହେବାର ଆଶଙ୍କା ବଢ଼ିଯାଏ । କିନ୍ତୁ ପରେ ଗବେଷଣାରୁ ଜଣାପଡ଼ିଥିଲା ଏ କଥା ଭୁଲ୍ । କଫିରେ ଏମିତି କୌଣସି ଉପାଦାନ ନାହିଁ ଯାହା କ୍ୟାନସରର କାରଣ ହୋଇପାରିବ । ବରଂ କଫି ଅନେକ ରୋଗରୁ ଶରୀରକୁ ରକ୍ଷା କରେ । ଟାଇପ୍-୨ ଡାଇବେଟିସ୍ ଏବଂ ମସ୍ତିଷ୍କ କୋଷଜନିତ ରୋଗ ପାର୍କିସନ୍‌ର ଆଶଙ୍କା କଫି ଦ୍ୱାରା କମ୍ ହୁଏ ।

### ଖଟାଫଳ

ସାଧାରଣ ଧାରଣା ରହିଛି ଭିଟାମିନ୍ ସି'ଯୁକ୍ତ ଫଳ ଖାଇଲେ ଥଣ୍ଡା ଧରେ ନାହିଁ । କିନ୍ତୁ ଗବେଷଣାରୁ ଜଣାପଡ଼ିଛି ଏ କଥା ସଂପୂର୍ଣ୍ଣ ସତ୍ୟ ନୁହେଁ । କେବଳ ଧାବକ ଏବଂ ସୈନିକମାନେ ଭିଟାମିନ୍ ସି'ଯୁକ୍ତ ଫଳ ଖାଇଲେ ସେମାନଙ୍କୁ ଥଣ୍ଡା ହୁଏ ।



### ପନିପରିବା

ଲୋକଙ୍କର ଧାରଣା କଞ୍ଚା ପରିବାରରେ ପାଚିଲା ପରିବା ତୁଳନାରେ ଅଧିକ ପୁଷ୍ଟିକର ତତ୍ତ୍ୱ ଥାଏ । ପନିପରିବା ରୋଷେଇ କଲେ ଏଥିରେ ଥିବା ଏନ୍‌ଜାଇମ୍ ନଷ୍ଟ ହୁଏ । ଏହି ଏନ୍‌ଜାଇମ୍ ହିଁ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ । କିନ୍ତୁ କଥା ସତ ଯେ, ପନିପରିବାକୁ ସିଝାଇଲେ ଏଥିରେ ଥିବା ତନ୍ତୁ ନଷ୍ଟହୁଏ । କିନ୍ତୁ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଏମିତି କିଛି ଫଳ ଓ ପରିବା ଅଛି ଯାହାକୁ ସିଝାଇଲେ ଏହା ଅଧିକ ସ୍ୱାସ୍ଥ୍ୟକର ହୁଏ । କଞ୍ଚା ଟମାଟୋ ତୁଳନାରେ ସିଝା ଟମାଟୋରେ ୬ଗୁଣ ଅଧିକ ଆଣ୍ଟିଅକ୍ସିଡେଣ୍ଟ ଥାଏ ।

### ଫ୍ରିଜ୍‌ରେ ଥିବା ଫଳ ଓ ପରିବା

କିଛି ଲୋକଙ୍କର ବିଶ୍ୱାସ ଫ୍ରିଜ୍‌ରେ ଥିବା ଫଳ ଓ ପନିପରିବାରେ ପୌଷ୍ଟିକତାର ପରିମାଣ କମ୍ ହୋଇଯାଏ । କିନ୍ତୁ ସତ ହେଉଛି କ୍ଷେତରୁ ସୁପର ମାର୍କେଟ ପର୍ଯ୍ୟନ୍ତ ଫଳ ଓ ପନିପରିବା ପହଞ୍ଚିବାକୁ ଦିନେ ବା ଦୁଇଦିନ ସମୟ ଲାଗେ । ଏହାପରେ ଫଳ ଓ ପନିପରିବା ଆପଣଙ୍କ ଘରକୁ ଆସେ । ଫଳ ଓ ପନିପରିବା ଘରକୁ ଆସିବା ପର୍ଯ୍ୟନ୍ତ ଏଥିରୁ ଅନେକ ଫାଇବର, ପ୍ରୋଟିନ୍ ଏବଂ ପୋଷକତତ୍ତ୍ୱ ନଷ୍ଟ ହୋଇଯାଇଥାଏ । କିନ୍ତୁ ଆପଣଙ୍କ ଫ୍ରିଜ୍‌ରେ ବଳକା ଅଂଶ ସଂରକ୍ଷିତ ହୋଇଯାଏ । ଏହି କାରଣରୁ ବାହାର ତୁଳନାରେ ଫ୍ରିଜ୍‌ରେ ଫଳ ଓ ପନିପରିବା ଅଧିକ ଦିନ ପର୍ଯ୍ୟନ୍ତ ସତେଜ ରହେ ।

### ଫ୍ୟାଟ୍‌ଫୁଡ୍

ଫ୍ୟାଟ୍‌ଫ୍ରି ଫୁଡ୍ ସବୁବେଳେ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିଶ୍ୱାସ କରାଯାଏ । କିନ୍ତୁ ଗବେଷଣାରୁ ଜଣାପଡ଼ିଛି ଯେଉଁମାନେ ଆଦୌ ତେଲ ଖାଆନ୍ତି ନାହିଁ ସେମାନଙ୍କ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା କମ୍ ହୋଇଯାଏ । ତେଣୁ ଆପଣ ଏକଦମ୍ ତେଲ ବନ୍ଦ କରିଦେବା ଅପେକ୍ଷା ବେଳେବେଳେ ଭଲ ମାନର ତେଲ ଖାଇବା ଆବଶ୍ୟକ ।





### ରେଡ୍‌ୱାଇନ୍

ଲୋକେ କୁହନ୍ତି- ରେଡ୍‌ୱାଇନ୍ ହୃଦୟକୁ ସ୍ୱାସ୍ଥ୍ୟ ରଖେ । ରେଡ୍‌ୱାଇନ୍‌ରେ ଥିବା ଫାଇଟୋ କେମିକାଲ୍ ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ ଏବଂ ହୃଦ୍‌ପିଣ୍ଡର ଜ୍ୱଳନ ଏବଂ ଯନ୍ତ୍ରଣାକୁ କମ୍ କରେ । ଏହି ଆଣ୍ଟିଅକ୍ସିଡାଣ୍ଟ ହାଇଡେନ୍‌ସିଟି ଲିପୋପ୍ରୋଟିନ୍ କୋଲେଷ୍ଟ୍ରୋଲ୍ ଦ୍ୱାରା ହୃଦୟକୁ ରୋଗରୁ ରକ୍ଷା କରେ । କିନ୍ତୁ ସତ କଥା ହେଉଛି ଏହି ଗୁଣ ଅନ୍ୟ ଆଲ୍‌କୋହଲରେ ମଧ୍ୟ ଥାଏ । କେବଳ ରେଡ୍‌ୱାଇନ୍ ନୁହେଁ ହ୍ୱାଇଟ୍ ୱାଇନ୍ ଏବଂ ବିୟରରେ ମଧ୍ୟ ହୃଦ୍ ସମସ୍ୟା କମାଏ ।

### ଅଣ୍ଡା

ଅଣ୍ଡା ଖାଇଲେ କୋଲେଷ୍ଟ୍ରୋଲ ବଢ଼େ ବୋଲି ଲୋକଙ୍କର ଧାରଣା ରହିଛି । କିନ୍ତୁ ଗବେଷଣାରୁ ଜଣାପଡ଼ିଛି ଅଣ୍ଡାରେ ଥିବା କୋଲେଷ୍ଟ୍ରୋଲ ଗୁଡ୍ କୋଲେଷ୍ଟ୍ରୋଲ । ଏଥିସହ ଅଣ୍ଡାରେ ପ୍ରଚୁର ପରିମାଣରେ ଜିଙ୍କ୍, ଆଇରନ୍, ଆଣ୍ଟି ଅକ୍ସିଡାଣ୍ଟ, ଲ୍ୟୁଟେନ୍, ଭିଟାମିନ୍ ଡି' ଆଦି ଥାଏ । ଯାହା ଶରୀର ପାଇଁ ଉପଯୋଗୀ । ଏଥିସହ ଅଣ୍ଡାରେ ଥିବା କୋଲିନ୍ ନାମକ ଉପାଦାନ ମସ୍ତିଷ୍କର କ୍ଷମତା ବଢ଼ାଏ ।

